# ମୟୂରଭଞ୍ଜ ଜିଲାରେ କମିଲା ପାସ୍ ହାର

ବାରିପଦା ଅଫିସ,୮।୬

**ଯୁକ୍ତ ୨ କଳା ପରୀକ୍ଷା ଫଳ**
**ପାସ୍ କଲେ ୮୩.୩୪ ପ୍ରତିଶତ, ୨ହଜାର ୪୬୪ ଫେଲ୍**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାର ଯୁକ୍ତ୨ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ବିଗତ ୩ ବର୍ଷ ଧରି ମୟୂରଭଞ୍ଜ ଜିଲାରେ କଳା ଛାତ୍ରୀଛାତ୍ରଙ୍କ ପାସ୍ ହାର କମିବାରେ ଲାଗିଛି । ବାରିପଦାଠାରେ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଶାଖା କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଜିଲାରେ ପାସ୍ ହାର ୮୩.୩୪ ରହିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ୫ପ୍ରତିଶତ ପାସ୍ ହାର କମିଛି। ୧୫୦୨୮ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୧୪ହଜାର ୭୯୦ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ହଜାର ୩୨୬ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୦୯୬ଜଣ, ଦ୍ୱିତୀୟରେ ୨୩୨୭ଜଣ ଓ ୭୮୮୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୩ଜଣ ପରକ୍ଷାର୍ଥୀ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ୧୭ଜଣ କପି କରି ଧରାପଡିଛନ୍ତି ବୋଲି ଶିକ୍ଷା ପରିଷଦର ବାରିପଦା ଶାଖା କାର୍ଯ୍ୟାଳୟର ଉପ-ସଚିବ ଜୟଦେବ ପ୍ରମାଣିକ ପ୍ରକାଶ କରିଛନ୍ତି । ତେବେ ଗତ ବର୍ଷ କଳାରେ ପାସ୍ ହାର ୮୬.୭୨ ରହିଥିବା ବେଳେ ଚଳିତ ବର୍ଷ ୩.୩୮ ପ୍ରତିଶତ ପାସ୍ ହାର କମିଛି। ସେହିପରି ଧନ୍ଦାମୂଳକ ପରୀକ୍ଷାରେ ୭୦୨ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୬୯୦ଜଣ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୪୯୦ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୪୦, ଦ୍ୱିତୀୟ ଶ୍ରେଣୀରେ ୨୨୯ ଓ ତୃତୀୟ ଶ୍ରେଣୀରେ ୧୦୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୨ଜଣ ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟାଲରେ ପାସ କରିଥିବା ବେଳେ ଜଣେ କପି କରି ଧରାପଡ଼ିଛନ୍ତି । ଜିଲାରେ ପାସ ହାର ୭୧.୦୧ ପ୍ରତିଶତ ରହିଛି।




ଯୁକ୍ତ ୨କଳା ପରୀକ୍ଷା ଫଳ ପ୍ରକାଶ ପରେ ବାରିପଦାସ୍ଥିତ ପ୍ରିନ୍ସ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ଖୁସି ମନାଉଛନ୍ତି।

# ପ୍ରିନ୍ସ କଲେଜର ଶତ ପ୍ରତିଶତ ପାସ୍

ବାରିପଦା ଅଫିସ,୮।୬

ଚଳିତ ବର୍ଷ +୨କଳା ପରୀକ୍ଷାରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ଥିବା ପ୍ରିନ୍ସ କଲେଜର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ମୋଟ ୩୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୧ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫ଜଣ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଅନୁଷ୍ଠାନର ରାଜଲକ୍ଷ୍ମୀ ଦାସ ସର୍ବାଧିକ ୫୧୭, ସସ୍ମିତା ରାଉତ ୫୧୫, ଦୀପଶୀଖା ଶତପଥୀ ୫୧୩, ସମସ୍ୟା ନାୟକ ୫୧୧ ଓ ଲିପଶିଖା ୫୦୫ନମ୍ବର ରଖିଛନ୍ତି। ୩୩ଜଣଙ୍କ ମଧ୍ୟରୁ ୧୪ଜଣ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୧ଜଣ ପ୍ରଥମ ଶ୍ରେଣୀ ପାଇ ଏହି ସଫଳତା ହାସଲ କରିପାରିଛନ୍ତି। କଲେଜର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ଉଚ୍ଚମାନର ଶିକ୍ଷାଦାନ ଶୈଳୀକୁ ପ୍ରଶଂସା କରିବା ସହିତ କୃତୀ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଗୋନାସିକା କଲେଜର ଶତ ପ୍ରତିଶତ ସଫଳତା

କେନ୍ଦୁଝର,୮।୬(ଡି.ଏନ୍.ଏ.): କେନ୍ଦୁଝର ସଦର ମହକୁମାଠାରେ ପ୍ରତିଷ୍ଠିତ ଗୋନାସିକା କଲେଜରେ +୨ କଳା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କୁ ବିପୁଳ ସଫଳତା ମିଳିଛି। ମୋଟ ୪୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୭ ଓ ତୃତୀୟ ଶ୍ରେଣୀରେ ୩ ଜଣ ପାସ ହୋଇଥିବା କଲେଜ ପକ୍ଷରୁ ସୂଚନା ମିଳିଛି। ଗୋନାସିକା କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ପ୍ରାତିଚି ପାଇକରାୟ ୫୨୨ ନମ୍ବର, ସନ୍ଧ୍ୟାରାଣୀ ମହାନ୍ତ ୫୨୨, ରଶ୍ମିତା ନାଏକ ୫୧୮, ଅର୍ଚ୍ଚିତା ବାରିକ ୫୧୭, ଜଗନମୋହିନୀ ପଣ୍ଡା ୫୧୫, ନିବେଦିତା ସାହୁ ୫୧୫, ଅର୍ପିତା ସାହୁ ୫୦୯ ଓ ଜଗଦେନ୍ଦୁ ଦାଶ ୫୦୦ ନମ୍ବର ରଖି ପାସ୍ କରିଛନ୍ତି। ସଫଳତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟର ଅଧକ୍ଷା ରଞ୍ଜିତା ଖଟୋଇ ଅଭିନନ୍ଦନ ଜଣାଇଛନ୍ତି।




ସର୍ବାଧିକ ନମ୍ବର ରଖିଥିବା ପ୍ରାତିଚି ପାଇକରାୟ ଓ ସନ୍ଧ୍ୟାରାଣୀ ମହାନ୍ତ।

# +୨କଳାରେ ସାଇ ବିଦ୍ୟାମନ୍ଦିରର ସଫଳତା

**ବାରିପଦା ଅଫିସ,୮।୬:** ଚଳିତ ଶିକ୍ଷା ବର୍ଷରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ +୨ କଳା ପରୀକ୍ଷାରେ ସାଇ ବିଦ୍ୟାମନ୍ଦିର ଶତପ୍ରତିଶତ ସଫଳତା ହାସଲ କରିଛି। ମୋଟ ୪୬ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୀପଶୀଖା ହାଁସଦା ସର୍ବାଧିକ ୫୧୭ ନମ୍ବର ରଖିଛନ୍ତି। ସେହିପରି ତୋଫାନ ସି ୫୧୩, ସ୍ୱଦେଶ ରଞ୍ଜନ ମହାକୁଡ ୫୧୩, ବିଦ୍ୟାଧର ମାରାଣ୍ଡି ୫୦୫,ଏସ୍‌କେ ତାଲିଫ ହୁସେନ ୫୦୨ ନମ୍ବର ରଖିଛନ୍ତି। ୬୦ରୁ ୭୦%ମଧ୍ୟରେ ୫ଜଣ, ୭୦ରୁ ୮୦% ମଧ୍ୟରେ ୧୯ଜଣ, ୫ଶହ ମଧ୍ୟରେ ୭ଜଣ, ୫୦୦ରୁ ଉର୍ଦ୍ଧ୍ୱ ୫ଜଣ ରହିଛନ୍ତି। ଦକ୍ଷ ଅଧ୍ୟାପିକା ଅଧ୍ୟାପକଙ୍କ ଶିକ୍ଷାଦାନ, ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏହି ଶିକ୍ଷାନୁଷ୍ଠାନ ଆଜି ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟସ୍ଥାପନ କରିଛି ବୋଲି ଅଭିଭାବକମାନେ ମତପୋଷଣ କରିଛନ୍ତି। ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ଅଧ୍ୟକ୍ଷ ଅକ୍ଷୟ କୁମାର ଖୁଲାର, ସିଇଓ ପ୍ରତୀଚ ରଞ୍ଜନ ରାଉତ କୃତୀ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି। ନିର୍ଦ୍ଦେଶକ ଇଂ. ପ୍ରଭଞ୍ଜନ ରାଉତ ସଫଳତମ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

# କଳାରେ ୮୪.୯୭%, ଧନ୍ଦାମୂଳକ ଶିକ୍ଷାରେ ୭୮.୩୦% ପାସ୍

ବାଲେଶ୍ୱର ଅଫିସ, ୮।୬– ପ୍ରକାଶ ପାଇଛି ଯୁକ୍ତ ୨ କଳା ଓ ଧନ୍ଦାମୂଳକ ଶିକ୍ଷାର ଫଳାଫଳ। ବାଲେଶ୍ୱର ଜିଲାରେ ୮୪.୯୭% କଳା ଓ ୭୮.୩୦% ଧନ୍ଦାମୂଳକ ଶିକ୍ଷାରେ ପାସ୍ କରିଛନ୍ତି। ଜିଲାରେ ଯୁକ୍ତ ୨ କଳାରେ ପରୀକ୍ଷା ପାଇଁ ୧୩୦୮୨ ଜଣ ଫର୍ମପୂରଣ କରିଥିବା ବେଳେ ୧୨୯୩୬ ଜଣ ପରୀକ୍ଷା ଦେଇଥିଲେ। ଫଳାଫଳ ଆସିବା ପରେ ପ୍ରଥମ ଶ୍ରେଣୀରେ ୨୯୪୬, ଦ୍ୱିତୀୟ ଶ୍ରେଣୀରେ ୨୧୬୧, ତୃତୀୟ ଶ୍ରେଣୀରେ ୫୮୭୨ ଜଣ ପାସ୍ କରିଥିବା ବେଳେ କମ୍ପାଟମେଣ୍ଟାଲ ୧୪ ଜଣ ପାସ୍ କରିଛନ୍ତି। ମୋଟ୍ ପାସ୍ ୧୦ହଜାର ୯୯୩ (୮୪.୯୭%) ଥିବାବେଳେ ୪ଜଣ ଏମ୍‌ପି ହୋଇଛନ୍ତି। ସେହିପରି ଜିଲାରେ ଯୁକ୍ତ ୨ ଧନ୍ଦାମୂଳକ ଶିକ୍ଷାରେ ୨୦୭ ଜଣ ଫର୍ମ ଫିଲ୍‌ଅପ୍ କରିଥିବା ବେଳେ ୨୦୬ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୬୦, ଦ୍ୱିତୀୟ ଶ୍ରେଣୀରେ ୭୫ ଓ ତୃତୀୟ ଶ୍ରେଣୀରେ ୧୩ ଜଣ ଓ କମ୍ପାଟମେଣ୍ଟାଲ ୩ ଜଣ ପାସ୍ କରିଛନ୍ତି। ମୋଟ୍ ୧୫୧ (୭୮.୩୦%) ଜଣ ପାସ୍ କରିଥିବା ବେଳେ ଜଣେ ଏମ୍‌ପି ହୋଇଥିବା ଜଣାପଡ଼ିଛି।

# କଳାରେ ୭୮.୮୪, ଧନ୍ଦାମୂଳକରେ ୭୧.୫% ପାସ୍ ହାର

ଭଦ୍ରକ ଅଫିସ, ୮।୬-ଯୁକ୍ତ ୨ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଭଦ୍ରକ ଜିଲାରେ ଯୁକ୍ତ ୨ କଳାରେ ୭୮.୮୪ % ଓ ଧନ୍ଦାମୂଳକ ଶିକ୍ଷାରେ ୭୧.୫ ପ୍ରତିଶତ ପାସ୍‌ହାର ରହିଛି। କଳାରେ ମୋଟ ୮,୧୦୭ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୭,୯୯୩ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୬,୩୦୨ଜଣ ପାସ୍ କରିଛନ୍ତି। କଳାରେ ୧,୪୮୭ଜଣ ପ୍ରଥମ, ୧,୧୭୭ ଦ୍ୱିତୀୟ ଓ ୩,୬୨୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କମ୍ପାର୍ଟମେଣ୍ଟାଲରେ ୧୮ଜଣ ଅଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୩୪୩ଜଣ ଫର୍ମପୂରଣ କରିଥିବା ବେଳେ ୩୪୨ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୪୩ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୨୬, ଦ୍ୱିତୀୟ ଶ୍ରେଣୀରେ ୧୩୯ ଓ ତୃତୀୟ ଶ୍ରେଣୀରେ ୭୫ଜଣ ପାସ୍ କରିଥିବା ବେଳେ କମ୍ପାର୍ଟମେଣ୍ଟାଲରେ ୩ଜଣ ଥିବା ବାରିପଦା କାଉନସିଲ ସୂତ୍ରରୁ ସୂଚନା ମିଳିଛି।















## ସଂକ୍ଷେପରେ

### ମା'-ପୁଅ ସମେତ ୪ ଗିରଫ

#### ଅଲେଖ ମହିମା ମଠରୁ ଚୋରି ଘଟଣା

ତିହିଡ଼ି, ୮।୬(ଡି.ଏନ.ଏ.)-ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତ ମିର୍ଜାପୁର ଗ୍ରାମସ୍ଥିତ ଅଲେଖ ମହିମା ମଠରୁ ଚୋରି ଘଟଣାରେ ପୋଲିସ ଗୁରୁବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ୧.୬୮ ଲକ୍ଷ ନଗଦ ଟଙ୍କା ଓ ୨.୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଂଶଡ଼ା ଥାନା ଅଧୀନ ଖଦାଳପୋଖରୀ ଗ୍ରାମର ମିଳନ ଦାସ, ଶ୍ରବଣ ନାଥ ଏବଂ ତାଙ୍କ ମା' ସତ୍ୟଭାମା ନାଥ, ଧାମରା ଅଞ୍ଚଳର ରଶ୍ମିତା ଦାସ। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୩ରେ ଅଲେଖ ମହିମା ମଠର ବାବାଜୀ ଗଣେଶ ଦାସ ଅଗିରା ପୂର୍ଣ୍ଣିମା ଉପଲକ୍ଷେ ଢେଙ୍କାନାଳ ଜିଲା ଯୋରନ୍ଦା ଗାଦିକୁ ଯାଇଥିଲେ। ସେଠାରୁ ୬ ତାରିଖରେ ଫେରିବା ପରେ ମଠରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ମଠର ଗ୍ରୀଲ୍ ଓ ଘର ତାଲା ଭଙ୍ଗାଯାଇ ଚୋରି ହୋଇଥିବା ନେଇ ସେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ. ୬୫/୨୩) ରୁଜୁ କରିବା ସହ ପୂର୍ବରୁ ୪ଜଣଙ୍କୁ ଗିରଫ କରିଥିଲା। ଏବେ ଗିରଫ ସଂଖ୍ୟା ୮ରେ ପହଞ୍ଚିଛି।

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସ୍ୱାମୀ ଗିରଫ

ପାଟଣା,୮।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୂଷାଖରି ପଞ୍ଚାୟତ ମଲ୍ଲିପଶି ଗ୍ରାମରେ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପାଟଣା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଗ୍ରାମର ପଞ୍ଚୁଆ ମହାନ୍ତ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ପଞ୍ଚୁଆ ମେ ୧୭ରେ ସ୍ତ୍ରୀ ବବିତାଙ୍କ ସହ ଝଗଡ଼ା କରିବା ପରେ ଏକ ପଥରରେ ସ୍ତ୍ରୀଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅଭିଯୋଗ ପରେ ପାଟଣା ପୋଲିସ (ନଂ. ୮୫/୨୩) ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟଚାଲାଣ କରାଯାଇ ତଦନ୍ତ ଚାଲିଥିବା ଏସ୍‌ଆଇ ମୋନରୋମା ସ୍ୱାଇଁ କହିଛନ୍ତି।

### ସତ୍‌ସଙ୍ଗ ଆଚାର୍ଯ୍ୟ ଦେବଙ୍କ ଜନ୍ମ ମହାମହୋତ୍ସବ

ବାରିପଦା ଅଫିସ,୮।୬- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରତିଷ୍ଠିତ ସତ୍‌ସଙ୍ଗର ଆଚାର୍ଯ୍ୟଦେବ ଅର୍କଦ୍ୟୁତି ଚକ୍ରବର୍ତ୍ତୀଙ୍କର ୫୬ତମ ଜନ୍ମ ମହାମହୋତ୍ସବ ବାରିପଦା ସତ୍‌ସଙ୍ଗ ବିହାରର ପରିଚାଳକ ସହପ୍ରତି ଋତ୍ୱିକ ବେଣୁଧର ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଦାଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୱର୍ଯ୍ୟୁକର୍ମୀ ଦୀପକ କୁମାର ଦାସ ସତ୍ୟାନୁସରଣ ଓ ସହପ୍ରତି ଋତ୍ୱିକ ଗୋକୁଳଚନ୍ଦ୍ର ସାହୁ ନାରୀର ନୀତି ଗ୍ରନ୍ଥ ପାଠ କରିଥିଲେ। ଭଜନ କାର୍ଯ୍ୟକ୍ରମରେ ସହପ୍ରତି ଋତ୍ୱିକ ମୁକ୍ତିକାନ୍ତ ନାୟକ, ଯାଜକ ଦୀପକ କୁମାର ବେହେରା, ଗୁରୁଭ୍ରାତା ରଣଜିତ୍ ସାହୁ, ରାଧାକୃଷ୍ଣ ପ୍ରଧାନଙ୍କ ସହ ବିଜୟଲକ୍ଷ୍ମୀ ମହାରଣା ଭଜନ ଗାନ କରିଥିଲେ। ସହପ୍ରତି ଋତ୍ୱିକ ବିଜ୍ଞାନ ଭୂଷଣ ମହାପାତ୍ର ଉଦଣ୍ଡ କୀର୍ତ୍ତନ ପରିବେଷଣ କରିଥିଲେ। ସତ୍‌ସଙ୍ଗର ସହପ୍ରତି ଋତ୍ୱିକ ଶଙ୍କର୍ଷଣ ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କେନ୍ଦୁଝରର ସହପ୍ରତି ଋତ୍ୱିକ ଇଂ. ହିମାଂଶୁ ଶେଖର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ଅମୀୟ ଆଦର୍ଶ ଓ ଆଚାର୍ଯ୍ୟ ଦେବଙ୍କ ମହନୀୟତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିରେ ବାରିପଦାର ସହପ୍ରତି ଋତ୍ୱିକ ରବୀନ୍ଦ୍ର ନାଥ ପାତ୍ର, ଶଶଧର କୁଇଲା, ବଂଶୀଧର ମହାନ୍ତ, ଜଗଦୀଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ଶିମିଳିପାଳ ସୁରକ୍ଷା ଦାବିରେ ଭଞ୍ଜସେନାର ପଦଯାତ୍ରା

ବାଙ୍ଗିରିପୋଷି,୮।୬(ଡି.ଏନ.ଏ.): ଅବାଧ ଗଛକଟା ଓ ଜନ୍ତୁ ଶିକାର ନେଇ ଶିମିଳିପାଳ ଅଭୟାରଣ୍ୟ ଅସୁରକ୍ଷିତ ହୋଇପଡ଼ିଛି। ଏହାର ସୁରକ୍ଷା ପାଇଁ ଅଗ୍ରଣୀ ଅଣରାଜନୈତିକ ସଂଗଠନ ଭଞ୍ଜସେନା ସଚେତନତା ପଦଯାତ୍ରା କରୁଛି। ବୁଧବାର ବାଙ୍ଗିରିପୋଷି ବ୍ଲକ ଭଞ୍ଜସେନା ସଭାପତି ସତ୍ୟପ୍ରକାଶ ମହାନ୍ତି, ମହିଳା ନେତ୍ରୀ କନିକା ବୋଷ, ଜିଲା ଉପସଭାପତି ସନ୍ତୋଷ କୁମାର ଗିରିଙ୍କ ନେତୃତ୍ୱରେ ବାଙ୍ଗିରିପୋଷିରେ ପହଞ୍ଚିଥିବା ପଦଯାତ୍ରୀ ଦଳକୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା। ଭଞ୍ଜସେନା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ଜିତେନ୍ଦ୍ର ହେମ୍ବ୍ରମ, ବାମନଘାଟୀ ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ, ଯୁବନେତା ବିଘ୍ନେଶ୍ୱର ବାସ୍କେ,ବାରିପଦା ଉପଖଣ୍ଡ ସାଧାରଣ ସମ୍ପାଦକ ମନୋରଞ୍ଜନ ବାରିକ, ରାମଚନ୍ଦ୍ର ମାରାଣ୍ଡି,ବିଜୟ ବାସ୍କେ, ବିକୁନ ମାରାଣ୍ଡି ଓ ମଙ୍ଗଳା ମୁର୍ମୁ ପ୍ରମୁଖ ପଦଯାତ୍ରାରେ ସାମିଲ ଅଛନ୍ତି।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ରାଇବଣିଆ ଦୁର୍ଗ ଗବେଷଣା କେନ୍ଦ୍ର ପ୍ରତିଷ୍ଠା

ରାଇବଣିଆ, ୮।୬

ବାଲେଶ୍ୱର ଜିଲା ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରାଇବଣିଆ ଦୁର୍ଗ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏନେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ତାଙ୍କର ୧୩ଜଣିଆ ଟିମ୍ ଗୁରୁବାର ରାଇବଣିଆ ଦୁର୍ଗର ପରିଦର୍ଶନରେ ଆସି ପ୍ରକାଶ କରିଛନ୍ତି। ପ୍ରାରମ୍ଭିକ ଭାବରେ ଏହି ଗବେଷଣା କେନ୍ଦ୍ର ପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର କରିବା ସହିତ ଖୁବ୍‌ଶୀଘ୍ର ଏ ଦିଗରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ଘୋଷଣା କରିଥିଲେ। ଏହି ଦୁର୍ଗ କେବଳ ଓଡ଼ିଶାରେ ନୁହେଁ, ପୂର୍ବ ଭାରତରେ ସବୁଠୁ ବଡ଼ ଦୁର୍ଗ। ମାତ୍ର ଏହାର ଇତିହାସ ଅନାବୃତ। କେବେ ଏବଂ କାହା ଦ୍ୱାରା ଏହା ନିର୍ମିତ ହୋଇଥିଲା ସେ ବିଷୟରେ କୌଣସି ଠିକ୍ ଐତିହାସିକ ବା ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମିଳିନାହିଁ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଯେଉଁ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବ ଦୁର୍ଗର ଇତିହାସକୁ ଏହା ଉନ୍ମୋଚନ କରିବ ବୋଲି ପ୍ରଫେସର ତ୍ରିପାଠୀ ପ୍ରକାଶ କରିଛନ୍ତି।

ବିଶିଷ୍ଟ ସମାଜସେବୀ ତଥା କଂଗ୍ରେସର ବରିଷ୍ଠ ନେତା ସୁଦର୍ଶନ ଦାସଙ୍କ ଉଦ୍ୟମ ଓ ରାଇବଣିଆ ଦୁର୍ଗ ସୁରକ୍ଷା, ଆଞ୍ଚଳିକ ଉନ୍ନୟନ ସଙ୍ଗଠନର ଅନୁରୋଧକ୍ରମେ କୁଳପତି ଏହି ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଗତ ଏପ୍ରିଲରେ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଦୁର୍ଗ ସୁରକ୍ଷା ସଙ୍ଗଠନର କର୍ମକର୍ତ୍ତାମାନେ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଯାଇ କୁଳପତିଙ୍କୁ ଭେଟିଥିଲେ ଓ ଦୁର୍ଗ ଉପରେ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ସେତେବେଳେ ଏହାକୁ ସମ୍ମତି ଦେଇଥିଲେ। ତଦନୁସାରେ ବୁଧବାର କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ଇତିହାସ, ପ୍ରତ୍ନତତ୍ତ୍ୱ, ନୃତତ୍ତ୍ୱ, ସଂସ୍କୃତ ଓ ଓଡ଼ିଆ ବିଭାଗର ଅଧ୍ୟାପକ ଓ ଗବେଷକମାନଙ୍କୁ ନେଇ ରାଇବଣିଆ ଦୁର୍ଗ ପରିଦର୍ଶନରେ ଆସିଥିଲେ। ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଦୁର୍ଗର ଫଟୋ ଉତ୍ତୋଳନ କରିବା ସହିତ ଗବେଷକମାନେ ଗଡ଼ ଭିତରେ ଥିବା ବିଭିନ୍ନ ଶିଳା ଖଣ୍ଡ, ମୂର୍ତ୍ତୀ, କାରୁକାର୍ଯ୍ୟ ଆଦି ଦେଖିଥିଲେ। ଦୁର୍ଗ ପରିଦର୍ଶନ ପରେ ସ୍ଥାନୀୟ ବାସିନ୍ଦା, ଦୁର୍ଗ ସୁରକ୍ଷା କମିଟିର କର୍ମକର୍ତ୍ତା ଓ ଖବରଦାତାମାନଙ୍କ ସହିତ ଆଲୋଚନା କରିବା ପରିପ୍ରେକ୍ଷୀରେ ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟରେ ରାଇବଣିଆ ଦୁର୍ଗ ଗବେଷଣା କେନ୍ଦ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ପ୍ରଥମେ ସର୍ଭେ ହେବ ଏବଂ ପୁରା ଦୁର୍ଗର ମ୍ୟାପ୍ ପ୍ରସ୍ତୁତ ହୋଇ କାର୍ଯ୍ୟ ଆରମ୍ଭ ହେବ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଯଥା ପ୍ରତ୍ନତତ୍ତ୍ୱ, ନୃତତ୍ତ୍ୱ, ଇତିହାସ, ସଂସ୍କୃତ, ଓଡ଼ିଆ, ଭୂତତ୍ତ୍ୱ ବିଭାଗର ଗବେଷକ ଓ ପ୍ରାଧ୍ୟାପକମାନଙ୍କୁ ନେଇ ଏହି ଗବେଷଣା କେନ୍ଦ୍ର କାର୍ଯ୍ୟ କରିବ। ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଖୁବ୍‌ଶୀଘ୍ର ଦୁର୍ଗ ଗର୍ଭ ଗୃହକୁ ପରିଷ୍କାର କରିବା ସହିତ ରାଇବଣିଆ ଦୁର୍ଗ ଉପରେ ଏକ ଜାତୀୟ



ରାଇବଣିଆ ଦୁର୍ଗରେ କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଓ ସହଯୋଗୀ।

#### ପରିଦର୍ଶନ କରି ଘୋଷଣା କଲେ କୁଳପତି

ଆଲୋଚନାଚକ୍ର ଆୟୋଜନ କରାଯିବ ବୋଲି ତ୍ରିପାଠୀ ଘୋଷଣା କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀଙ୍କ ସହିତ ପ୍ରତ୍ନତତ୍ତ୍ୱବିତ୍ ସୁନୀଲ ପଟ୍ଟନାୟକ, ଡ. ବିଶ୍ୱଜିତ୍ ପରିଡ଼ା, ଡ. ଆକାଶ ମଲ୍ଲିକ, ଡ. ଶିକ୍ଷା ରାୟ, ଡ. ସୁରଭି ସୁଲଗ୍ନା ପାତ୍ର, ଡ. ଜିନା ପ୍ରିୟଦର୍ଶିନୀ ସେଠୀ, ଡ. ଦେବାଶିଷ ପାତ୍ର, ଡ. ରାଜକିଶୋର ମହାନ୍ତି, ଡ. ଜ୍ୟୋସ୍ନା ମଣ୍ଡଳ, ଡ. ଅରୂପ ଦେ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ। ରାଇବଣିଆ ଦୁର୍ଗ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଙ୍ଗଠନର ସଭାପତି ପ୍ରଫୁଲ୍ଲ ସି, ସମ୍ପାଦକ ଡ. ଶ୍ରୀକାନ୍ତ ପାତ୍ର, ଉପସଭାପତି ନାରାୟଣ ଦାସ, ଚିତ୍ତରଞ୍ଜନ ରାଉତ, ବସନ୍ତ ଘୋଷ, ଆଦିକନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ଗିରି ସଂଯୋଜନା କରିଥିଲେ। ଜଳେଶ୍ୱର ଓ ରାଇବଣିଆବାସୀଙ୍କ ପକ୍ଷରୁ କୁଳପତିଙ୍କୁ ସୁଦର୍ଶନ ଦାସଙ୍କ ଏଭଳି ଐତିହାସିକ ନିଷ୍ପତ୍ତି ଓ ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇଛନ୍ତି।

### ରାସ୍ତା ଉପରେ ଗଛ, ବଢୁଛି ଦୁର୍ଘଟଣା


ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା କାର୍।

ବଡ଼ସାହି,୮।୬(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି-ମାଣତ୍ରୀ ପୂର୍ତ୍ତ ବିଭାଗ ରାସ୍ତାର କୁରାଡ଼ିଆ ଛକ ଓ ଅଙ୍ଗାରି ମଧ୍ୟରେ ରାସ୍ତା ଉପରେ ଝୁଙ୍କାଲ ପଟାସ ଗଛଗୁଡ଼ିକ ରହିଥିବା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ନିକଟରେ କୋଟି କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ତେବେ ରାସ୍ତା ଉପରେ ଥିବା ଗଛଗୁଡ଼ିକ କାଟିବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଗଛକଟା ଯାଇନାହିଁ। ବୁଧବାର ସକାଳେ ଜଣେ ବ୍ୟକ୍ତ ପରିବାର ସହିତ କାର୍‌ରେ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ଏକ ଗଛରେ ପିଟି ହେବାରୁ ସମସ୍ତେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତୁରନ୍ତ ରାସ୍ତା ଉପରେ ଥିବା ଗଛଗୁଡ଼ିକ କାଟିବା ପାଇଁ ସ୍ଥାନୀୟ ସରପଞ୍ଚ, ସୁଶାନ୍ତ ରାଉତ, ବାବୁ ରାଉତ, କଟି ସୋରେନ ପ୍ରମୁଖ ଦାବି କରିଛନ୍ତି।

# ଆକାଂକ୍ଷା ସଭା ଗୃହ ଉଦ୍‌ଘାଟିତ


ଆକାଂକ୍ଷା ସଭା ଗୃହ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଏମ୍‌ପି, ବିଡିଓ ଓ ଅନ୍ୟମାନେ।

ଔପଦା, ୮।୬

ଔପଦା ପଞ୍ଚାୟତ ସମିତି ପକ୍ଷରୁ ଭାରତ ନିର୍ମାଣ ରାଜୀବଗାନ୍ଧୀ ସେବା କେନ୍ଦ୍ର ଉପର ମହଲାରେ ନବନିର୍ମିତ ଆକାଂକ୍ଷା ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ସଭାଗୃହକୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ।

ବିଡ଼ିଓ ଅଭିଷେକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିମ୍ବା ପାତ୍ର, ଉପାଧ୍ୟକ୍ଷ ପ୍ରଭାକର ସାହୁ, ୧ ନମ୍ବର ଜିଲାପରିଷଦ ସଭ୍ୟା ମୁନି ସିଂ, ୨ ନମ୍ବର ଜିଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପପୁ ଭୂଇଁଆ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟମାନେ ଉପସ୍ଥିତ ରହି ଏଠାରେ ବସି ସଭା କରିଦେଲେ କାମ ସରେ ନାହିଁ, ଔପଦା ବ୍ଲକବାସୀଙ୍କ ବିଭିନ୍ନ ସମସ୍ୟା ସମାଧାନ ହେଲେ ସାର୍ଥକତା ମିଳିପାରିବ ବୋଲି କହିଥିଲେ। ତହସିଲଦାର ସତ୍ୟବାନ ନାୟକ କ୍ଷଣିକ ସେବାରୁ ଦୂରେଇ ଚିରସ୍ଥାୟୀ ସେବା ଦେବା ପାଇଁ ମାନସିକତା ଆବଶ୍ୟକ ଥିବାରୁ ଜଳ, ଜଙ୍ଗଲ ଓ ଜମି ହିଁ ପ୍ରତି ବ୍ୟକ୍ତିଙ୍କର ଜୀବନ ବୋଲି କହିଥିଲେ। ସଭା ଆରମ୍ଭରୁ ବାହାନଗାଠାରେ ଘଟିଯାଇଥିବା ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### କ୍ରଶର ସିଲ୍ କଲେ ତହସିଲଦାର

ଖଇରା, ୮।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ରାଜସ୍ୱ କ୍ଷେତ୍ର ମୁଣ୍ଡାହତା ଗ୍ରାମରେ ବେଆଇନ ଭାବେ ଚିପ୍‌ସ ଓ ମେଟାଲ ମହଜୁଦ କରି ରଖିବା ଅଭିଯୋଗରେ ଖଇରା ତହସିଲଦାର ଜଗନ୍ନାଥ ଷ୍ଟୋନ କ୍ରଶର ସିଲ୍ କରିଛନ୍ତି। ବେଆଇନ ଭାବେ ପଥର ଭାଙ୍ଗି ବିକ୍ରି ପାଇଁ ରଖାଯାଇଥିବା ଚିପ୍‌ସକୁ ଜବତ କରାଯାଇଛି। କ୍ରଶର ସଂଲଗ୍ନ କିଛି ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିବା ପରେ ଜିଲପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ବୁଧବାର ବିଳମ୍ବିତ ରାତିରେ ଚଢାଉ କରିଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କୁ ଯୋଗାଯୋଗ କରିବାରେ ଉକ୍ତ କ୍ରଶର ପକ୍ଷରୁ ଗଚ୍ଛିତ ରଖାଯାଇଥିବା ୯୦ଏମ୍‌ଟି ପରିମାଣର ମାଲ୍ ଜବତ କରାଯାଇଥିବା କହିଛନ୍ତି।

### ଚମ୍ପୁଆରେ ଗଡ଼ିବ ମୋ ବସ

ଚମ୍ପୁଆ,୮।୬(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ରେ ମୋ ବସ ଗଡ଼ିବ। ଏ ନେଇ ରୁଟ ଚାଟ ଚମ୍ପୁଆ ବିଡିଓ ଜ୍ୟୋସ୍ନାରାଣୀ ନାଏକ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବସ୍ ବ୍ଲକ୍ ମୁଖ୍ୟାଳୟରୁ ପଞ୍ଚାୟତକୁ ଗଡ଼ିବ। ଏହା ଦ୍ୱାରା ଲୋକେ କମ ଖର୍ଚ୍ଚରେ ଓ କମ ସମୟରେ ବ୍ଲକ୍ ମୁଖ୍ୟାଳୟ, ଉପଖଣ୍ଡ ମୁଖ୍ୟାଳୟକୁ ଯାତାୟାତ କରିପାରିବେ। ବିଶେଷ ଭାବରେ ଛାତ୍ରୀଛାତ୍ର ଏଥିରେ ଉପକୃତ ହୋଇପାରିବେ। ପ୍ରାଥମିକ ପର୍ଯ୍ୟାୟରେ ବ୍ଲକ୍‌ରେ ୨ ବସ୍ ଚଳାଚଳ କରିବ। ଗୋଟିଏ ଚମ୍ପୁଆ ବସ୍‌ଷ୍ଟାଣ୍ଡରୁ ବାହାରି ଜାମୁଦଲକ, ସୁନାପୋଶି ଓ କୋଦଗଡ଼ିଆରେ ପହଞ୍ଚିବା ପରେ ଉକ୍ତ ବାଟ ଦେଇ ପୁଣି ଚମ୍ପୁଆ ପ୍ରତ୍ୟାବର୍ତ୍ତନ କରିବା ସହ ଚମ୍ପୁଆରୁ ରଜିଆ, କାଳିକାପ୍ରସାଦ, ରିମୁଳି ଦେଇ ପର୍ଶଳା ପଞ୍ଚାୟତରେ ପହଞ୍ଚି ଫେରିବ। ଅନ୍ୟ ବସଟି ଚମ୍ପୁଆରୁ ବ୍ରହ୍ମପୁର କରଞ୍ଜିଆ, କାଶିପାଳ, ଭଣ୍ଡା, ଜ୍ୟୋତିପୁର, ଜଜପୋଶି ପହଞ୍ଚି ଚମ୍ପୁଆ ଫେରିବ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ


ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା ଅଫିସ,୮।୬

ପ୍ରତାରଣାର ଶିକାର ହୋଇଥିବା ଅଭିଯୋଗ କରି ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ବୁଧବାର ସଂଘ ପକ୍ଷରୁ କର୍ମଚାରୀଙ୍କ ସମସ୍ୟା ନେଇ ୧୧ଦଫା ସମ୍ବଳିତ ଏକ ଦାବିପତ୍ର ବାରିପଦା ବାଘରାରୋଡସ୍ଥିତ ଅଧୀକ୍ଷଣ ଯନ୍ତ୍ରୀ ହରିଶ କୁମାର ପଣ୍ଡାଙ୍କ ଉଦ୍ଦେଶ୍ୟରେ ଟାଟା ପାୱାରର ମାନବ ସମ୍ବଳ ଅଧିକାରୀ ଭବାନୀ ଶଙ୍କର ବେଉରାକୁ ପ୍ରଦାନ କରାଯାଇଛି। ଜିଲାର ସମସ୍ତ ବିଦ୍ୟୁତ୍ ଡିଭିଜନ ଦାବିଗୁଡ଼ିକ ତୁରନ୍ତ ପୂରଣ କରିବା ପାଇଁ ଜଣାଯାଇଛି। କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦାବିଗୁଡ଼ିକ ଜୁନ ୧୫ ତାରିଖ ସୁଦ୍ଧା ପୂରଣ ନ ହେଲେ ୧୬ରୁ ଜିଲାର ସମସ୍ତ ବିଦ୍ୟୁତ୍

#### ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ଚେତାବନୀ

ଶ୍ରମିକ କର୍ମଚାରୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ୍ୟ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଂଘର ଡେପୁଟି ଜେନେରାଲ ସେକ୍ରେଟାରୀ ଜ୍ୟୋତିକୃଷ୍ଣ ବେହେରାଙ୍କ ନେତୃତ୍ୱରେ ସମ୍ପାଦକ ଚନ୍ଦନ କୁମାର ମହାନ୍ତି, ସଙ୍ଗଠକ ଦେବାଶିଷ ବେହେରା, ଜ୍ଞାନରଞ୍ଜନ ପରିଡା, ଜ୍ୟୋତିଲାଲ ବିଶ୍ୱାଳ, ଦୀନେଶ ଗୁପ୍ତା, ସଞ୍ଜୟ ଘୋଷ, ପ୍ରମୋଦ ପାତ୍ର, କୃଷ୍ଣପଦ ମହାନ୍ତ, ନବୀନ ଦତ୍ତ, ସୁମନ ମହାନ୍ତ, ପ୍ରଦୀପ ନାଥ, କେଦାର ସିହ୍ନା ପ୍ରମୁଖ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ଥିଲେ।

# ଶୋଷଣର ଶିକାର ହେଉଛନ୍ତି କଳାକାର

ଭଦ୍ରକ ଅଫିସ, ୮।୬

ଭଦ୍ରକ ଜିଲା ସଂସ୍କୃତି କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର ଦୁର୍ନୀତି ଓ ଅନିୟମିତତା ନେଇ କଳାକାରମାନଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଛି। ହେଲେ କଳାକାରଙ୍କ ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି। ଜିଲା ସଂସ୍କୃତି ବିଭାଗ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଅଭିଯୋଗ ଆଣି କଳାକାରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗୁରୁବାର ବାସୁଦେବପୁର ବ୍ଲକର କଳାକାରମାନଙ୍କ ପକ୍ଷରୁ ୭ଦଫା ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଂସ୍କୃତି ଅଧିକାରୀଙ୍କ ସ୍ୱେଚ୍ଛାଚାରିତା କାର୍ଯ୍ୟ ଯୋଗୁ ଜିଲାର କଳାକାରମାନେ ବିଭିନ୍ନ

#### ଜିଲା ସଂସ୍କୃତି କାର୍ଯ୍ୟାଳୟରେ ଅନିୟମିତତା ନେଇ ଜିଲାପାଳଙ୍କୁ ଭେଟିଲେ

ଶୋଷଣର ଶିକାର ହେଉଛନ୍ତି। ସଂସ୍କୃତି କାର୍ଯ୍ୟାଳୟରେ ସରକାରୀ କର୍ମଚାରୀ ହୋଇ ନ ଥିଲେ ମଧ୍ୟ ଜଣେ ପାଲା କଳାକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜ ତଦାରଖ କରିବା ସହ ବିଭିନ୍ନ ସମୟରେ କାର୍ଯ୍ୟାଳୟକୁ ଆସୁଥିବା କଳାକାରମାନଙ୍କଠାରୁ ଅର୍ଥ ଆଦାୟ କରୁଥିବା ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ସଂସ୍କୃତି ଅଧିକାରୀଙ୍କୁ ବଦଳି କରାଯିବା ସହ କଳାକାରମାନଙ୍କ ସମସ୍ୟା ସମାଧାନ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗୌରାଙ୍ଗ ଦଳେଇ, ଭରତ ମଳିକ, ତାରାକାନ୍ତ ସାମଲ, ଭାଗବତ ଜେନା, ହରେକୃଷ୍ଣ ଧଳ, ଗିରିଶ ଚନ୍ଦ୍ର ସାମଲ, ଭାଗୀରଥି ରାଉଳ, ସୁମିତ୍ରା ମଳିକ, ଦୀନବନ୍ଧୁ ନାୟକ, ସନାତନ ପୁରୀଙ୍କ ସମେତ ବହୁ କଳାକାର ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା କହିଛନ୍ତି, କାର୍ଯ୍ୟାଳୟରେ କୌଣସି ଦୁର୍ନୀତି କିମ୍ବା ଅନିୟମିତତା ହୋଇନାହିଁ। ବ୍ଲକ ସଂଘର ଉପସଭାପତିମାନେ ବିଭିନ୍ନ ସମୟରେ ଅଫିସ୍‌କୁ ଆସି କାମରେ ସହଯୋଗ କରିଥାନ୍ତି। ତାଙ୍କ ବିରୋଧରେ ଏପରି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା।

### କୃଷକ ସୂଚନା, ପରାମର୍ଶ କେନ୍ଦ୍ରର କର୍ମକର୍ତ୍ତା ଚୟନ

ଯୋଡ଼ା,୮।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ କୃଷି ବିଭାଗ ତରଫରୁ(ଏଟିଏମଏ) ଆତ୍ମାର ଗାଇଡ୍‌ଲାଇନ ଅନୁଯାୟୀ କୃଷକ ସୂଚନା ଏବଂ ପରାମର୍ଶଦାତା କେନ୍ଦ୍ରର ନୂତନ କର୍ମକର୍ତ୍ତା ବୁଧବାର ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ଯୋଡ଼ା ବିଡିଓ, କୃଷି ଅଧିକାରୀ, ବ୍ଲକ୍ ପ୍ରାଣୀ ଚିକିତ୍ସକ, ବ୍ଲକ୍ ଅଧ୍ୟକ୍ଷ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। କୃଷି ଆନୁଷଙ୍ଗିକ କ୍ଷେତ୍ରରେ ପାରଦର୍ଶିତା ଥିବା ବ୍ଲକ୍ ଅଞ୍ଚଳର ମୋଟ ୨୫ ମହିଳା ଓ ପୁରୁଷ ସଦସ୍ୟଙ୍କୁ ଚୟନ କରାଯାଇ ସଭାପତିଭାବେ ଦଶରଥ ବାରିକ, ଜିଲା କୃଷକ ପରାମର୍ଶଦାତା କମିଟିରେ ବ୍ଲକ୍‌ର ପ୍ରତିନିଧିତ୍ୱ କରିବାକୁ ତ୍ରିଲୋଚନ ପଲେଇ, ଉପସଭାପତି ଭାବେ ଡବର ମୁଣ୍ଡାଙ୍କୁ ଚୟନ କରାଯାଇଛି। ସଂଗଠନ ବ୍ଲକ୍‌ର କୃଷକମାନଙ୍କର କୃଷି ସମ୍ବନ୍ଧୀୟ ଏବଂ ଗ୍ରାମାଞ୍ଚଳରେ କୃଷିର ବିକାଶ, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ ଏବଂ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ କାର୍ଯ୍ୟ କରିବ। ଏଫ୍‌ଆଇଏସି ଓ ବିଟିଟିର ମିଳିତ ସହଯୋଗରେ ସରକାରଙ୍କ କୃଷି ସମ୍ବନ୍ଧୀୟ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ସହାୟତା ପ୍ରଦାନ କରିବ ବୋଲି ସୂଚନା ମିଳିଛି।

### ସଂକୀର୍ତ୍ତନ ଶୋଭାଯାତ୍ରା, ଦୀପ ପ୍ରଜ୍ୱଳନ

ଭଦ୍ରକ ଅଫିସ/ ସ୍ୱ.ପ୍ର., ୮।୬

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ଓ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରି ଭଦ୍ରକ ଇସ୍କନ ସମୂହ ପକ୍ଷରୁ ସଂକୀର୍ତ୍ତନଶୋଭାଯାତ୍ରା ସହ ଦୀପ ପ୍ରଜ୍ୱଳନ କରାଯାଇଛି। କୁଆଁସ ଇସ୍କନ ମନ୍ଦିରରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଟାଉନହଲ୍ ଛକଠାରେ ପହଞ୍ଚିଥିଲା। ସେଠାରେ ପ୍ରଭୁ ରାଧାମାଧବଙ୍କ ପାଖରେ ସମୂହ ଦୀପଦାନ କରାଯାଇଥିଲା। ଇସ୍କନର ଆଞ୍ଚଳିକ ସଚିବ ଶ୍ରୀପାଦ ପୂର୍ଣ୍ଣଚନ୍ଦ୍ର ଗୌର ଦାସ, କାର୍ଯ୍ୟକର୍ତ୍ତା ତେଜସ୍ୱୀ ଗୌର ଦାସ, ଉଦ୍ଧବ କୃପା ଦାସ, ଗୋପାଳ ଭଟ୍ଟ ଦାସ, ନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସାମାଜିକ କର୍ମୀ ସୀତାଂଶୁ ମହାପାତ୍ର, ଚୈତାଳି ଖିଲାର, ଖବରଦାତା ରବିନାରାୟଣ ଖିଲାର, ଅନନ୍ତ ରାଉତରାୟ ପ୍ରମୁଖ ଦୀପ ଜାଳିଥିଲେ। ସେହିପରି ଭଦ୍ରକର ଦକ୍ଷିଣକାଳୀ ମନ୍ଦିରରେ ମଧ୍ୟ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଦୀପଦାନ କରାଯାଇଛି। ଡା. ପ୍ରଦୀପ ନାୟକ, ବଦ୍ରିନାରାୟଣ ଧଳ, ଶ୍ରୀହର୍ଷ ସ୍ୱାଇଁ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, ଆର୍ତ୍ତବନ୍ଧୁ ନାୟକ, ରଞ୍ଜିତା ସ୍ୱାଇଁ, ଉର୍ମିଳା ସାହୁ, ଝରଣା ଜେନା, ଚିରସ୍ମିତା ବୈଇଆରୀ, ଶ୍ରାବଣୀ ମିଶ୍ର, ଉର୍ମିଳା ସେଠୀ, ସାଗରିକା ସେଠୀ, ରୀନା ମହାରଣା, ଶୁଭସ୍ମିତା ରାଉତ, ପ୍ରଭାତୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



# କାରଖାନା ପ୍ରତିଷ୍ଠାକୁ ବିରୋଧ

#### ଜିଲାପାଳଙ୍କୁ ଭେଟିଲେ ୨ ପଞ୍ଚାୟତବାସୀ

କେନ୍ଦୁଝର,୮।୬(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଓ ନୂଆଗାଁ ପଞ୍ଚାୟତରେ ଏକ କାରଖାନା ପ୍ରତିଷ୍ଠାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ନେଇଛି। ବୁଧବାର କାରଖାନାର ଜମି ସର୍ଭେ ସମୟରେ ୨ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଏନେଇ ଗୁରୁବାର ନୂଆଗାଁ ଓ ପଦ୍ମପୁର ପଞ୍ଚାୟତର ବହୁ ସଂଖ୍ୟାରେ ଗ୍ରାମବାସୀ ଜିଲାପାଳଙ୍କ ଅଫିସକୁ ଆସି ପ୍ରତିବାଦ ଜଣାଇଥିଲେ।

ଅଭିଯୋଗ ଅନୁଯାୟୀ, ଉକ୍ତ ଅଞ୍ଚଳରେ ଲୋକମାନେ ଚାଷବାସ କରି ଚଳୁଛନ୍ତି। ସେଠାରେ କାରଖାନା ହେଲେ ଦୀର୍ଘ ବର୍ଷ ଧରି ଜମି ଦଖଲକରି ଚାଷକରି ଆସୁଥିବା ଲୋକେ ଜୀବିକା ହରାଇବେ। ସେହିପରି କାରଖାନା ହେଲେ ଉକ୍ତ ଅଞ୍ଚଳରେ ପ୍ରଦୂଷଣ ବ୍ୟାପିବ। ଫଳରେ ଜୀବନଜୀବିକା ବିପନ୍ନ ହେବ ବୋଲି ପ୍ରେମାନନ୍ଦ ମହାନ୍ତ କହିଛନ୍ତି। ସେମାନେ ପୂର୍ବରୁ ସଦର ତହସିଲରେ ପ୍ରତିବାଦ କରିଥିଲେ ହେଁ ନ ଶୁଣିବାରୁ ଅସନ୍ତୋଷ ବଢ଼ିଥିଲା। ଏଣୁ ସେମାନେ କାରଖାନା ପାଇଁ ବେସରକାରୀ ଜମି କିମ୍ବା ସରକାରୀ ଜମି ଛାଡ଼ିବେ ନାହିଁ ବୋଲି ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଛନ୍ତି। ପ୍ରକାଶ ଯେ, କାରଖାନାର ଜମି ଚିହ୍ନଟ ପାଇଁ ବୁଧବାର ବୀରକିଶୋରପୁର, ଗୁହାଳହିଡି, ଦାବାଙ୍କ, ବିସ୍ତାପାଳ, ରତନପୁର ଗ୍ରାମରେ ଡ୍ରୋନ୍ ଜରିଆରେ ୨ ଜଣ କର୍ମଚାରୀ ବିପ୍ଳବ କୁମାର ସାହୁ, ରଶ୍ମିରଞ୍ଜନ ବଳ ସର୍ଭେ କରିବା ସମୟରେ ଗ୍ରାମବାସୀ ଗୁହାଳଡିହି ରେଳ ଷ୍ଟେଶନ ନିକଟରେ ଅଟକ ରଖିଥିଲେ। ୪ ଘଣ୍ଟା ପରେ ସଦର ଆଇଆଇସି ସୁଶାନ୍ତ ଦାସ ଏବଂ ସଦର ଏସ୍‌ଡିପିଓ ମହେନ୍ଦ୍ର ହେମ୍ବ୍ରମ ପହଞ୍ଚି ବୁଝାଶୁଝା କରିବା ପରେ ତାଙ୍କୁ ନୂଆଗାଁ ସରପଞ୍ଚ ଆଶୀର୍ବାଦ ନାଏକଙ୍କ ଉପସ୍ଥିତିରେ ପୋଲିସ ଜିମା ଦେଇଥିଲେ। ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଲୋକେ ଏକତ୍ରିତ ହୋଇଛନ୍ତି।

